# NATIONAL NEWS BULLETIN (ODIA)

**13 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଖୁବ୍‌ଶୀଘ୍ର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହେବ ।

- ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନିଙ୍କ ନେତୃତ୍ୱର ସରକାର ଆଜି ରାଜ୍ୟ ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେଉଛନ୍ତି ।

- ଭାରତ ଓ ଡୋମିନିକାନ୍ ରିପବ୍ଲିକ୍ ମଧ୍ୟରେ ମିଳିତ ଅର୍ଥନୈତିକ ଓ ବାଣିଜ୍ୟିକ କମିଟିର ସ୍ଥାପନ ପାଇଁ ପ୍ରୋଟୋକଲ୍ ସ୍ୱାକ୍ଷରିତ ହୋଇଛି ।

- ଭୁଟାନ ପ୍ରଧାନମନ୍ତ୍ରୀ ଦାଶୋ ସେରିନ୍ ଟବ୍‌ଗେ ଆସନ୍ତାକାଲିଠାରୁ ଭାରତକୁ ୫ ଦିନ ଗସ୍ତରେ ଆସିବେ ।

ଏବଂ

- ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଆଜି ଆସ୍ଥା ସୂଚକ ଭୋଟ୍ ଲୋଡ଼ିଛନ୍ତି ।

# ପିଏମ୍ ସେମିକଣ୍ଡକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଖୁବ୍‌ଶୀଘ୍ର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହେବ। ପ୍ରଧାନମନ୍ତ୍ରୀ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ମୂଲ୍ୟର ସେମିକଣ୍ଡକ୍ଟର ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରି ଏହା କହିଛନ୍ତି। ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଦେଶର ପ୍ରଥମ ବାଣିଜ୍ୟିକ ସେମିକଣ୍ଡକ୍ଟର ଫାବ୍ ରହିଛି। ଗୁଜରାଟର Dholera Special Investment Region ଠାରେ ତାହା ନିର୍ମିତ ହେବ। ତା'ଛଡ଼ା ଆସାମର ମୋରିଗାଓଁ ପରେ ସେମିକଣ୍ଡକ୍ଟର ଯୋଡ଼େଇ ଓ ପରୀକ୍ଷା କେନ୍ଦ୍ର ଏବଂ ଗୁଜରାଟର ସାନନ୍ଦ ଠାରେ ସେମିକଣ୍ଡକ୍ଟର ଯୋଡ଼େଇ ଓ ପରୀକ୍ଷା କେନ୍ଦ୍ର ସ୍ଥାପନ ହେବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଗୁଡ଼ିକ ସହ ସଂଯୋଗ ହେବାକୁ ବେଶ୍ ସମର୍ଥ ହୋଇଛନ୍ତି। ଉତ୍ତର-ପୂର୍ବାଞ୍ଚଳରେ ଏଭଳି ଶିଳ୍ପାଞ୍ଚଳର ବିକାଶ କଥା ପୂର୍ବରୁ କେହି ଚିନ୍ତା କରି ନଥିଲେ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସମଗ୍ର ବିଶ୍ୱ ଯେତେବେଳେ ନିର୍ଭରଶୀଳ ଓ ଦକ୍ଷ ଯୋଗାଣ ଶୃଙ୍ଖଳ ଅଂଶୀଦାର ଚାହୁଁଛି, ଭାରତ ସେତେବେଳେ ନିଜକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ବିଶ୍ୱଗୁରୁ ଭାବେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। ସେ କହିଛନ୍ତି, ଚିପ୍ ଉତ୍ପାଦନ ଭାରତକୁ ଆତ୍ମନିର୍ଭରଶୀଳ ଆଡ଼କୁ ଆଗେଇ ନେବ।

ଶ୍ରୀ ମୋଦୀ କହିଛନ୍ତି, ଚିପ୍ ଉତ୍ପାଦନ ଯୁବାମାନଙ୍କ ପାଇଁ ଅସଂଖ୍ୟ ସୁଯୋଗ ସୃଷ୍ଟି କରିବ। ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ସରକାର ନେଇଥିବା ପଦକ୍ଷେପଗୁଡ଼ିକର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ସହଜରେ ବ୍ୟବସାୟ କରିବା ଉପରେ ଆଲୋକପାତ କରିଛନ୍ତି। Dholera Special Investment Region ଠାରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଫାବ୍ରିକେସନ କାରଖାନା ଖୋଲାଯିବ। ଏହା ଉପରେ ୯୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଦେଶର ଏହା ପ୍ରଥମ ବ୍ୟବସାୟିକ ସେମିକଣ୍ଡକ୍ଟର ଫାବ୍ ହେବ।

## ହରିୟାଣା ବିଧାନସଭା

ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନିଙ୍କ ନେତୃତ୍ୱର ସରକାର ଆଜି ରାଜ୍ୟ ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେଉଛନ୍ତି। ବିଜେପି ସରକାର ପାଇଁ ୪୬ ଜଣ ବିଧାୟକଙ୍କର ଆବଶ୍ୟକତା ରହିଛି। ଗତକାଲି ପାର୍ଟି ୪୮ ଜଣ ବିଧାୟକଙ୍କ ସମର୍ଥନ ଥିବା କଥା ଦାବି କରିଥିଲା। ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ସଭାରେ ଆସ୍ଥା ସୂଚକ ଭୋଟ୍ ଲୋଡ଼ିଛନ୍ତି। ବାଚସ୍ପତି ଜ୍ଞାନଚାନ୍ଦ ଗୁପ୍ତା ଆସ୍ଥା ସୂଚକ ଭୋଟ୍ ଉପରେ ଆଲୋଚନାକୁ ପରିଚାଳନା କରୁଛନ୍ତି। ୬ ଜଣ ଜେ.ଜେ.ପି ବିଧାୟକ ପାର୍ଟିର ନିର୍ଦ୍ଦେଶକୁ ଅବଜ୍ଞା କରି ଅଧିବେଶନରେ ଯୋଗ ଦେଇଥିଲେ ମଧ୍ୟ ଆଲୋଚନା ଆରମ୍ଭ ହେବା ପୂର୍ବରୁ ସଭା କକ୍ଷ ପରିତ୍ୟାଗ କରି ଚାଲି ଯାଇଛନ୍ତି।

ଆମ ସମ୍ବାଦଦାତା ଜଣାଇଛନ୍ତି ସଭାରେ ବିଜେପିର ୪୧ ଜଣ ବିଧାୟକ ରହିଛନ୍ତି। ନିର୍ଦ୍ଦଳୀୟ ବିଧାୟକ ରଞ୍ଜିତ ସିଂ ଚୌଟାଲାଙ୍କୁ ଗତକାଲି ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ୫ ଜଣ ନିର୍ଦ୍ଦଳୀୟ ବିଧାୟକ– ନାରାୟଣପାଲ ରାଓ୍ୱତ, ଧରମପାଲ ଗୋଣ୍ଡର, ସୋମବୀର ସଙ୍ଗଓ୍ୱାନ, ରଣଦ୍ଧୀର ଗୋଲାନ, ରାକେଶ ଦୌଲତାବାଦ ଏବଂ ହରିୟାନା ଲୋକହିତ ପାର୍ଟି ବିଧାୟକ ଗୋପାଳ କଣ୍ଡା ସରକାରକୁ ସମର୍ଥନ କରିବାର ସମ୍ଭାବନା ଅଛି। ନୂଆ ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ଆସ୍ଥା ସୂଚକ ଭୋଟ୍ ଲୋଡ଼ିବା ପାଇଁ ହରିୟାଣା ବିଧାନସଭାର ଆଜି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି।

## ଡୋମିନିକାନ୍ ରିପବ୍ଲିକ କମର୍ସ

ଭାରତ ଓ ଡୋମିନିକାନ୍ ରିପବ୍ଲିକ୍ ମଧ୍ୟରେ ମିଳିତ ଅର୍ଥନୈତିକ ଓ ବାଣିଜ୍ୟିକ କମିଟିର ସ୍ଥାପନ ପାଇଁ ପ୍ରୋଟୋକଲ୍ ସ୍ୱାକ୍ଷରିତ ହୋଇଛି। ସାଣ୍ଟୋ ଡୋମିଙ୍ଗୋ ଠାରେ ଡୋମିନିକାନ୍ ରିପବ୍ଲିକ୍ ବୈଦେଶିକ ମନ୍ତ୍ରଣାଳୟରେ ଏହି ପ୍ରୋଟୋକଲ୍ ସ୍ୱାକ୍ଷରିତ ହୋଇଛି। ଗତକାଲି ଡୋମିନିକାନ୍ ରିପବ୍ଲିକ୍ ବୈଦେଶିକ ମନ୍ତ୍ରୀ  ରୋବୋର୍ଟୋ ଆଲ୍‌ବାରେଜ୍ ଓ ଡୋମିନିକାନ୍ ରିପବ୍ଲିକ୍‌ରେ  ଭାରତର ରାଷ୍ଟ୍ରଦୂତ ରାମୁ ଅବାଗାନି ଏଥିରେ ସ୍ୱାକ୍ଷର କରିଛନ୍ତି।

ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ  କହିଛି, ଏହି ପ୍ରୋଟୋକଲ୍ ବାଣିଜ୍ୟ, ସେବା, ଶିଳ୍ପ ବୈଷୟିକ ଜ୍ଞାନ  ଓ ଅନ୍ୟାନ୍ୟ ସେବା  ଉପରେ ସହଯୋଗ ବୃଦ୍ଧି କରିବ। ଏହା ମାଧ୍ୟମରେ ବୈଷୟିକ ସହାୟତା, ତାଲିମ କାର୍ଯ୍ୟକ୍ରମ

ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ର ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ତା'ଛଡ଼ା ଦୁଇ ଦେଶ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନରେ ମଧ୍ୟ ଏହା ସହାୟତା କରିବ। ଭାରତ ମୁଖ୍ୟତଃ ଡୋମିନିକାନ୍ ରିପବ୍ଲିକ୍‌ରୁ ସୁନା ଆମଦାନୀ କରିଥାଏ ଓ ସେଠାକୁ ଔଷଧପତ୍ର, ସମୁଦ୍ର ଜାତ ପଦାର୍ଥ, ଯାନବାହନ, ଦୁଇ ଚକିଆ ଯାନ ଓ ତିନିଚକିଆ ଯାନ ରପ୍ତାନୀ କରିଥାଏ।

## ଠାକୁର ପ୍ରସାର ଭାରତୀ

ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଆଜି ଆକାଶବାଣୀ ଓ ଦୂରଦର୍ଶନର ନୂଆ ତଥା ବିକଶିତ ୱେବସାଇଟ୍‌କୁ ଶୁଭାରମ୍ଭ କରିବେ। ସେ ମଧ୍ୟ ନୂଆ **News on AIR APP** ର ଶୁଭାରମ୍ଭ କରିବେ।

## ଭୂଟାନ-ପିଏମ୍ ଇଣ୍ଡିଆ

ଭୁଟାନ ପ୍ରଧାନମନ୍ତ୍ରୀ ଦାଶୋ ସେରିନ୍ ଟବ୍‌ଗେ ଆସନ୍ତାକାଲିଠାରୁ ଭାରତକୁ ୫ ଦିନ ଗସ୍ତରେ ଆସିବେ। ଗତ ଜାନୁଆରୀ ମାସରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ ହେବ। ବୈଦେଶିକ ମନ୍ତ୍ରଣାଳୟ କହିଛି, ତାଙ୍କର ଏହି ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା କରିବେ। ଶ୍ରୀ ଟବ୍‌ଗେ ମୁମ୍ବାଇ ଗସ୍ତ କରିବେ। ତାଙ୍କ ସହ ଭୁଟାନ୍ ବୈଦେଶିକ ମନ୍ତ୍ରୀ, ଶକ୍ତି ଓ ପ୍ରାକୃତିକ ସମ୍ବଳ ମନ୍ତ୍ରୀ,

ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତି ମନ୍ତ୍ରୀ ଏବଂ ସକାରଙ୍କର ବରିଷ୍ଠ ଅଫିସରମାନେ ଭାରତ ଗସ୍ତରେ ଆସିବେ ।

ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ ଓ ଭୁଟାନ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଭୁଟାନ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୁଇ ଦେଶକୁ ଭାଗିଦାରୀ ସମ୍ପର୍କର ସମୀକ୍ଷା କରିବାକୁ ସୁଯୋଗ ଦେବ । ତା'ଛଡ଼ା ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବାକୁ ଏହା ସୁଯୋଗ ପ୍ରଦାନ କରିବ ।

## ତେଲଙ୍ଗାନା-ଓ୍ୱିମେନ ମିଲେନିୟର୍ସ

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ୧ କୋଟି ମହିଳାଙ୍କୁ ନିୟୁତପତି ବନାଇବାକୁ ତାଙ୍କ ସରକାର ଦାୟିତ୍ୱ ଗ୍ରହଣ କରିବେ । ସେ କହିଛନ୍ତି, ରାଜ୍ୟର ୬୩ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକରେ ପଞ୍ଜୀକୃତ ହୋଇଛନ୍ତି । ଏହି ସଂଖ୍ୟା ଖୁବ୍‌ଶୀଘ୍ର ୧ କୋଟିରେ ପହଁଞ୍ଚିବ । ମହାଲକ୍ଷ୍ମୀ–ସ୍ୱଶକ୍ତି ମହିଳା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସେହି ୧ କୋଟି ମହିଳାଙ୍କୁ ନିୟୁତପତି ବନାଇବାରେ ସରକାର ସହାୟତା କରିବେ । ଶ୍ରୀ ରେଡ୍ଡୀ କହିଛନ୍ତି, ୧ କୋଟି ମହିଳା ନିୟୁତପତି ହୋଇଯିବା ପରେ ରାଜ୍ୟ **ସୁବର୍ଣ୍ଣ ଓ ସମୃଦ୍ଧ ତେଲଙ୍ଗାନା**ରେ ପରିଣତ ହେବ । ସେହି ମହିଳାମାନେ ସେମାନଙ୍କର ପିଲାମାନଙ୍କୁ ଡାକ୍ତର, ଓକିଲ, ଆଇ.ଏ.ଏସ୍. ଓ ଆଇ.ପି.ଏସ୍. ବନାଇପାରିବେ । ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକ ଦ୍ୱାରା ସ୍ଥାପିତ ଦୋକାନ ଗୁଡ଼ିକୁ ସେ ବୁଲି ଦେଖିଥିଲେ । ଏହି ଅବସରରେ

ସେ ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ । ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକ ସେମାନଙ୍କ ସାମଗ୍ରୀ ବିକ୍ରି କରିବା ପାଇଁ ଶିଳ୍ପାରାମାମ୍ ନିକଟରେ ୧୦୦ଟି ଦୋକାନ ନିର୍ମାଣ କରିବାକୁ ସେ ଘୋଷଣା କରିଛନ୍ତି । ଶ୍ରୀ ରେଡ୍ଡୀ **ମହିଳା ଶକ୍ତି ମହିଳା ଉନ୍ନତି - ତେଲଙ୍ଗାନା ପ୍ରଗତି ବିଜନ** ଦସ୍ତାବିଜକୁ ଉନ୍ମୋଚନ କରିଛନ୍ତି ।

## ନେପାଳ-ଭୋଟ୍ ଅଫ୍ କନ୍‌ଫିଡେନ୍ସ

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଚଳିତ ମାସ ଆରମ୍ଭରେ ଏକ ନୂଆ ମେଣ୍ଟ ଗଠନ କରିବା ପରେ ୧୫ ମାସ ମଧ୍ୟରେ ତୃତୀୟ ବାର ଲାଗି ଆସ୍ଥା ସୂଚକ ଭୋଟ୍ ଲୋଡ଼ିଛନ୍ତି । ନେପାଳ ପାର୍ଲାମେଣ୍ଟ ସେକ୍ରେଟାରିଏଟ୍ ଦ୍ୱାରା ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ପୂର୍ବାହ୍ନ ୧୧ଟାରେ ଆସ୍ଥା ସୂଚକ ଭୋଟ୍ ଲୋଡ଼ାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ନେପାଳ ସମ୍ବିଧାନ ଅନୁସାରେ ଶ୍ରୀ ଦହଲଙ୍କୁ ତୃତୀୟବାର ଲାଗି ଆସ୍ଥା ସୂଚକ ଭୋଟ୍ ଲୋଡ଼ିବାକୁ ପଡୁଛି । ନେପାଳ ସମ୍ବିଧାନର ଧାରା ୨ ହଜାର ୭୨ ସ୍ଥିତ ନିୟମ-୧୦୦ ଅନୁସାରେ ଯଦି କୌଣସି ଅଂଶୀଦାର ଦଳ ମେଣ୍ଟରୁ ଓହରି ଯାଏ ତେବେ ପ୍ରଧାନମନ୍ତ୍ରୀଙ୍କୁ ଆସ୍ଥା ସୂଚକ ଭୋଟ୍ ଲୋଡ଼ିବାକୁ ହେବ ।

ଶ୍ରୀ ଦହଲ ସି.ପି.ଏନ୍.ର ଚେୟାରମ୍ୟାନ୍ ଅଛନ୍ତି । ୨୦୨୨ ଡିସେମ୍ବର ୨୫ ତାରିଖରେ ସେ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ । ୨୦୨୩ ଜାନୁଆରୀ ୧୦ ତାରିଖରେ ସେ ଆସ୍ଥା ସୂଚକ

ଭୋଟ୍ ଲୋଡ଼ିଥିଲେ। ପାର୍ଲାମେଣ୍ଟରେ ୨୭୦ ଜଣ ସାଂସଦଙ୍କ ମଧ୍ୟରୁ ୨୬୮ ଜଣ ସାଂସଦ ଶ୍ରୀ ଦହଲଙ୍କ ସପକ୍ଷରେ ମତଦାନ କରିଥିଲେ।

ନେପାଳ ରାଷ୍ଟ୍ରପତି ନିର୍ବାଚନ ସମୟରେ ଶାସକ ମେଣ୍ଟରେ ପୁର୍ନବାର ପରିବର୍ତ୍ତନ ଘଟିଥିଲା। ସି.ପି.ଏନ୍. (ୟୁ.ଏମ୍.ଏଲ୍), ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଓ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରି ନେଇଥିଲେ। ପ୍ରଧାନମନ୍ତ୍ରୀ ଦହଲ ପୁର୍ନବାର ୨୦୨୩ ମାର୍ଚ୍ଚ ୨୦ ତାରିଖରେ ଆସ୍ଥା ସୂଚକ ଭୋଟ୍ ଲୋଡ଼ିଥିଲେ। ସେତେବେଳେ ସେ ୧୭୨ଟି ଭୋଟ୍ ପାଇଥିଲେ। ମାର୍ଚ୍ଚ ୪ ତାରିଖରେ ମେଣ୍ଟରେ ପୁନର୍ବାର ପରିବର୍ତ୍ତନ ଘଟିବା ପରେ ନେପାଳୀ କଂଗ୍ରେସ ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରି ନେଇଥିଲା। ଏହା ପରେ ସି.ପି.ଏନ୍. (ୟୁ.ଏନ୍.ଏଲ୍), ସି.ପି.ଏନ୍. (ମାଓ ଇଷ୍ଟ ସେଣ୍ଟର), ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି, ଜନତା ସମାଜବାଦୀ ପାର୍ଟି ଓ ସି.ପି.ଏନ୍. (ୟୁନିଫାଏଡ୍ ସୋସିଆଲିଷ୍ଟ) ନୂଆ ମେଣ୍ଟ ଗଠନ କରିଥିଲେ। ପ୍ରଧାନମନ୍ତ୍ରୀ ଦହଲଙ୍କ ପ୍ରତି ମେଣ୍ଟର ସମର୍ଥନ ରହିଛି ଓ ଆଜି ସେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଆସ୍ଥା ସୂଚକ ଭୋଟ ଲୋଡ଼ିବେ। ମେଣ୍ଟରେ ଅଂଶୀଦାର ଦଳମାନେ ପ୍ରଧାନମନ୍ତ୍ରୀଙ୍କ ସପକ୍ଷରେ ମତଦାନ କରିବାକୁ ହୁଇପ୍ ଜାରି କରିଛନ୍ତି।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ’ ଗୁଜରାତ ଜାଏଣ୍ଟ୍‌ସକୁ ଭେଟିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ

ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯିବ। ଗତକାଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଗତଥର ର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୭ ଓ୍ବିକେଟ୍‌ରେ ପରାସ୍ତ କରିଥିଲା। ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୧୧୩ ରନ୍ କରିଥିଲା। ଜବାବରେ ବାଙ୍ଗାଲୋର ୧୫ ଓଭରରେ ଲକ୍ଷ୍ୟ ହାସଲ କରିଥିଲା। ଏହି ବିଜୟ ସହିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତୃତୀୟ ସ୍ଥାନରେ ପହଁଞ୍ଚିଛି। ବାଙ୍ଗାଲୋର ଦଳ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଅନ୍ୟ ୪ଟି ମ୍ୟାଚ୍‌ରେ ହାରି ୮ ପଏଣ୍ଟ ପାଇଛି। ମୁମ୍ବାଇ ଇଣ୍ଡିଆନ୍ସ କିମ୍ବା ଦିଲ୍ଲୀ କ୍ୟାପିଟାଲ୍ସ ସହ ଏହାକୁ ଏଲିମିନେଟର ମ୍ୟାଚ୍ ଖେଳିବାକୁ ହେବ। ମୁମ୍ବାଇ ଦ୍ୱିତୀୟ ସ୍ଥାନରେ ରହିଛି।